# ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ବେଶ

**ସାକ୍ଷୀଗୋପାଳ,୧୩।୫(ସମିସ):** ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଦ୍ୱିତୀୟ ଦିନରେ ସାକ୍ଷୀଗୋପାଳଙ୍କର ଅନ୍ୟତମ ଆକର୍ଷଣ ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ବେଶ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କଦମ୍ବ ବୃକ୍ଷ ଡାଳରେ ଠାକୁର ବିରାଜମାନ କରିଥିବା ଦେଖାଯାଇଥିଲା। ସିଂହାସନ ତଳେ ପୋଖରିଆ ମଧ୍ୟରେ ଅଷ୍ଟ ସଖୀମାନେ ସ୍ନାନରତ ଥିଲେ। ସ୍ନାନ କରୁଥିବା ସମୟରେ ସେମାନଙ୍କର ବସ୍ତ୍ର ହରଣ କରି କଦମ୍ବ ବୃକ୍ଷ ଡାଳରେ ରଖାଯାଇଥିଲା। ପ୍ରଚଳିତ ଦେବନୀତି ଅନୁଯାୟୀ ଆଲଟଲାଗି, କାଛିଲାଗି, ଚନ୍ଦନ ବେଢ଼ା, ଚନ୍ଦନ ସର୍ବାଙ୍ଗ ବେଶ, ପଣାଭୋଗ ଓ ଜାତଭୋଗ କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କଦମ୍ବ ବୃକ୍ଷ ଡାଳରେ ବିରାଜିତ ସାକ୍ଷୀଗୋପାଳ ଜଳକ୍ରୀଡ଼ା ବେଶ ଦର୍ଶନ କରିଥିଲେ। ପରମ୍ପରା ଅନୁଯାୟୀ, ୫-୫୦ ଘର ରଙ୍ଗଣୀ ସମିତି ତରଫରୁ ଏହି ବେଶ ଅନୁଷ୍ଠିତ ହୋଇଥିଲା।ସଭାପତି ପ୍ରତାପଚନ୍ଦ୍ର ଦାସ, ସମ୍ପାଦକ ବିଜୟକୁମାର ସାହୁ, ଉପଦେଷ୍ଟା ଜମ୍ବେଶ୍ୱର ବେହେରା ଓ ମନ୍ଦିର କାର୍ଯ୍ୟକାରୀ କମିଟି ସଭ୍ୟ ଚକ୍ରଧର ନାୟକ, ପ୍ରଦୀପ କୁମାର ସାହୁ ଓ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଲେଖ ଦୀକ୍ଷିତ ଶିକର ପ୍ରଧାନଙ୍କୁ ଦିଆଗଲା ସମାଧି



**କଣାସ,୧୩।୫(ସମିସ):** କଣାସ ବ୍ଲକ୍ ବଡାସ ଗ୍ରାମ ପଞ୍ଚାୟତର ବଡାସ ଗ୍ରାମରେ ୧୯୩୩ ମସିହାରେ ଜନ୍ମଗ୍ରହଣ କରିଥିବା ଶିକର ପ୍ରଧାନଙ୍କର ଗତ ୧୧ତାରିଖ ଦିନ ପରଲୋକ ହୋଇଯାଇଛି। ସେ ୧୯୯୦ ମସିହାଠାରୁ ମହିମା ଅଲେଖ ଦୀକ୍ଷା ଗ୍ରହଣ କରିଥିବାରୁ ତାଙ୍କୁ ସମାଧି ଦିଆଯାଇଥିଲା। ମହିମା ଧର୍ମର ଗ୍ରହଣ କରିଥିବା ରାମ ବାବା, ଅମୀୟ ବାବା, ବଳରାମ ବାବା, ଟୁକୁନା ବାବା, ଜଳନ୍ଧର ବାବା ଏବଂ ପୁତ୍ର ସର୍ବେଶ୍ୱର ଓ ବନ୍ଧୁବାନ୍ଧବ, ପରିବାର ଲୋକ ଉପସ୍ଥିତ ରହି ସମାଧି ଦେଇଥିଲେ।

# ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ନୟାହାଟ,୧୩।୫(ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି। ହତ୍ୟାକାରୀ ଅପରାଧୀ ଫେରାର୍ ହୋଇଯାଉଥିବା ଏବଂ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଘଟଣା ରାଜ୍ୟ ବିରୋଧୀ ଦଳ ଘଟଣାକୁ ସମାଲୋଚନା କରିବା ପରେ ପୁଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ପାଇଁ ବୁଧବାର ରାତିରେ ନୟାହାଟ ବଜାର ମଧ୍ୟରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ନିମାପଡ଼ା ଡିଏସ୍‌ପି ଶ୍ରୀ ପାଢ଼ୀଙ୍କୁ ପଚାରିବାରେ ସେ କହିଥିଲେ, ଅପରାଧ ନିୟନ୍ତ୍ରଣ ପାଇଁ କରାଯାଇଥିଲା।

# ଶ୍ରୀବାସୁଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ



**ସାକ୍ଷୀଗୋପାଳ,୧୩।୫(ସମିସ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ମଧୁବନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡାହାଣ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀଶ୍ରୀବାସୁଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ପାଞ୍ଚ ଦିନ ବ୍ୟାପୀ ମହାଯଜ୍ଞର ଅନ୍ତିମ ଦିବସର ପୂର୍ବଦିନ ରାଧାକୃଷ୍ଣଙ୍କ ବିଜେପ୍ରତିମାଙ୍କ ସହିତ ଶ୍ରୀଶ୍ରୀ ଡାହାଣେଶ୍ୱରଙ୍କ ଚଳନ୍ତି ପ୍ରତିମା, ଶିବ-ପାର୍ବତୀ, ଡାହାଣ କୁମ୍ଭାରପଡ଼ା, ହାଟପଦା, ଭଣ୍ଡାରୀଦଣ୍ଡା ଓ ବାଲିକୁଦ ଗ୍ରାମରେ ଚାଚେରୀ ଭୋଗ ଖାଇ, ପୂଜା ମଣ୍ଡପରେ ବିରାଜମାନ କରିଥିଲେ। ଅନ୍ତିମ ଦିବସରେ ପୂଜ୍ୟପୂଜା, ମଣ୍ଡପ ପୂଜା, ଯଜ୍ଞାହୁତି ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ ବଡ଼ ଓଡ଼ିଆ ମଠ ପୁରୀର ଅଧିକାରୀ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀଜୀ ଓ ଉତ୍ତର ପାଶ୍ୱର୍ ମଠ ପୁରୀର ମହନ୍ତ ମହାରାଜ ମହନ୍ତ ନାରାୟଣ ରାମାନୁଜ ଦାସ। ଗ୍ରାମବାସୀ ଓ ବ୍ରତଧାରୀଙ୍କ ତରଫରୁ ଦୁଇ ମଠାଧିଶଙ୍କୁ ଆଲଟ, ଚାମର, ଛତ୍ରୀ, ତ୍ରାସ, ସଙ୍କୀର୍ତ୍ତନ ମଣ୍ଡଳୀ ଓ ଢୋଲ ବାଜା ସହିତ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ମଣ୍ଡପକୁ ନିଆଯାଇଥିଲା। ହରିବୋଲ, ହୁଳହୁଳିରେ ଗାଁ ପ୍ରକମ୍ପିତ ହୋଇଥିଲା। ଯଜ୍ଞର ମୁଖ୍ୟ ପୁରୋହିତ ଥିଲେ ପଣ୍ଡିତ ନୀଳକଣ୍ଠ ମିଶ୍ର। ଅନ୍ୟ ୮ ଜଣ ଶ୍ରୋତ୍ରୀୟ ପଣ୍ଡିତ ସହଯୋଗ କରିଥିଲେ। ଯଜ୍ଞରେ କର୍ତ୍ତା ରୂପେ ଉପବେଶନ କରିଥିଲେ ମୀନକେତନ ସ୍ୱାଇଁ ଓ ଝିଲିକା ସ୍ୱାଇଁ। ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, କାମାକ୍ଷା ପ୍ରସାଦ ପ୍ରଧାନ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନଙ୍କ ପ୍ରତିନିଧି, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ପ୍ରତିନିଧି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରତିନିଧି, ମଧୁବନ ଗ୍ରାମ ପଞ୍ଚାୟତ ସରପଞ୍ଚ କାନ୍ତିଲତା ପରିଡ଼ା, ସମିତିସଭ୍ୟା ପୁଷ୍ପଲତା ସାହୁ ଓ ପଞ୍ଚାୟତର ସମସ୍ତ ପୂର୍ବତନ ସରପଞ୍ଚ, ପୂର୍ବତନ ସମିତିସଭ୍ୟ/ସଭ୍ୟା ଯୋଗଦେଇଥିଲେ।

## ମନ୍ତ୍ରୀ କହୁଛନ୍ତି ଡିଜେଲ, ପେଟ୍ରୋଲ ମହଜୁଦ ଅଛି

# ବ୍ରହ୍ମଗିରିରେ ବନ୍ଦ ହେଲାଣି ପେଟ୍ରୋଲ ପମ୍ପ୍

ବ୍ରହ୍ମଗିରି,୧୩।୫(ସମିସ)



ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଯୋଗୁଁ ଦେଶରେ ପେଟ୍ରୋଲ, ଡିଜେଲ ଉପରେ ଏହାର ପ୍ରଭାବ ପଡ଼ିଛି। କିନ୍ତୁ ରାଜ୍ୟରେ ମନ୍ତ୍ରୀ କହୁଛନ୍ତି ଡିଜେଲ, ପେଟ୍ରୋଲ ମହଜୁଦ ଅଛି। ସେପଟେ ପ୍ରାୟ କିଛି ପେଟ୍ରୋଲ ପମ୍ପ୍ ବନ୍ଦ ହେବାର ଦେଖିବାକୁ ମିଳିଛି। ବୁଧବାର ବ୍ରହ୍ମଗିରି କଲେଜ ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି।

ବ୍ଲକ୍‌ରେ କିଛି ଦିନ ପୂର୍ବରୁ ଦେଖାଦେଇଥିବା ଗ୍ୟାସ୍ ସଙ୍କଟ ଏବେ ବି ଜାରି ରହିଥିବାବେଳେ ଏବେ ପେଟ୍ରୋଲ ସଂକଟ ଦେଖାଦେବା ସହ ଟାଙ୍କି ବନ୍ଦ କରାଯାଉଛି। ରାଜ୍ୟ ସରକାରଙ୍କ ପେଟ୍ରୋଲ ଯୋଗାଣରେ ସମସ୍ୟା ଥିବାରୁ ଏଭଳି ପରିସ୍ଥିତି ହୋଇଥିବା ପେଟ୍ରୋଲ ପମ୍ପ୍ ମାଲିକ ଓ କର୍ମଚାରୀ କହିଛନ୍ତି। ପୁରୀଠାରୁ ସାତପଡ଼ା ପର୍ଯ୍ୟନ୍ତ ପ୍ରାୟ ୬ଟି ପେଟ୍ରୋଲ ପମ୍ପ ବନ୍ଦ ଥିବାବେଳେ ସେଥିମଧ୍ୟରୁ ଦୁଇଟି କାର୍ଯ୍ୟକାରୀ ହେଉଛି। ଅନ୍ୟ ୪ଟି ପେଟ୍ରୋଲ ପମ୍ପ୍ କାର୍ଯ୍ୟକାରି ନ ହୋଇ ବନ୍ଦ ଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାହକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକ ପେଟ୍ରୋଲ ପମ୍ପ୍‌ରେ ବାଇକ୍‌ଗଡ଼ିକୁ ଏକକାଳୀନ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପେଟ୍ରୋଲ ଦିଆଯାଉ ନ ଥିବାବେଳେ କାର୍‌ଗୁଡ଼ିକୁ ୧ ହଜାର ଟଙ୍କାରୁ ଅଧିକ ଟଙ୍କାର ଡିଜେଲ ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ସେପଟେ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଆସିବା ଦିନଠାରୁ ବିଭିନ୍ନ ପ୍ରକାରର ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ, ଗ୍ୟାସ୍, ଡିଜେଲ, ପେଟ୍ରୋଲର ମାତ୍ରାଧିକ ଦରଦାମ୍ ବଢ଼ି ବଢ଼ି ଚାଲିଛି। ଠିକ୍ ଏହି ସମୟରେ କିଛି ଅସାଧୁ ବ୍ୟବସାୟୀ ଅଧିକ ଟଙ୍କାର ପେଟ୍ରୋଲ, ଡିଜେଲ ବାହାରେ ବିକ୍ରି କରୁଛନ୍ତି। ଏପଟେ ପେଟ୍ରୋଲ ପମ୍ପ୍ ବନ୍ଦ ହେଉଥିବାବେଳେ କିଛି ଖୁଚୁରା ବ୍ୟବସାୟୀଙ୍କ ପାଖରେ ପେଟ୍ରୋଲ, ଡିଜେଲ ମହଜୁଦ୍ ହୋଇ ରହିଛି। ଯଦି ପେଟ୍ରୋଲ ପମ୍ପ୍ ବନ୍ଦ ସେମାନେ ପେଟ୍ରୋଲ ଆଣିଲେ କେଉଁଠୁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଉପରେ କିଛି କଟକଣା ଲାଗୁ ନାହିଁ। ତେବେ କେତେଦିନ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଲାଗି ରହିବ, ତାହା ସ୍ପଷ୍ଟ ହୋଇନାହିଁ। ବ୍ରହ୍ମଗିରିରେ ଥିବା ପେଟ୍ରୋଲ ପମ୍ପ୍‌ମାନଙ୍କରେ ପେଟ୍ରୋଲ, ଡିଜେଲ ମହଜୁଦ୍ ରଖିବା ପାଇଁ ସର୍ବସାଧାରଣରେ ଦାବି ହୋଇଛି।

**କାଟ୍‌ଛାଣ୍ଟରେ ଚାଲିଛି କାରବାର**

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

# ବଡ଼ଦାଣ୍ଡରେ ସ୍ଥାପନ ହେବ ୮ଟି ଅସ୍ଥାୟୀ ମେଡିକାଲ

**ପୁରୀ,୧୩।୫(ସମିସ):** ଆସୁଛି ରଥଯାତ୍ରା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆପ୍ରସ୍ତୁତି ପାଇଁ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱସ୍ଥି ବୁଧବାର ପୁରୀ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଏହି ଅବସରରେ ଦୁଇଜଣ ସ୍ୱତନ୍ତ୍ର ସଚିବ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରୀ ମେଡିକାଲର ନୂତନ କୋଠା ଜୁନ୍ ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ବଡ଼ଦାଣ୍ଡରେ ୮ଟି ଅସ୍ଥାୟୀ ମେଡିକାଲ ସ୍ଥାପନ କରାଯିବ। ରଥଯାତ୍ରା ପାଇଁ ୨୩୭ ଜଣ ଡାକ୍ତର, କାର୍ଡିଓଲୋଜି, ପ୍ଲାଷ୍ଟିକ୍ ସର୍ଜରି, ନ୍ୟୁ ବିଭାଗରେ ଦୁଇଜଣ ଡାକ୍ତର ନିୟୋଜିତ ହେବା ନେଇ ନିଷ୍ପତ୍ତି ହୋଇଛି। ଡାକ୍ତରଖାନା ପରିସର ସମ୍ପୂର୍ଣ୍ଣ ପରିଷ୍କାର ଏବଂ ପରିଚ୍ଛନ୍ନ ରଖିବା ସହ ଡ୍ରେନେଜ୍ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରଥଯାତ୍ରା ସମୟରେ ସମାଗମ ହୋଇଥିବା ଲକ୍ଷାଧିକ ଭକ୍ତଙ୍କୁ ଆପାତ୍‌କାଳୀନ ସ୍ଥିତିରେ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରଥଯାତ୍ରା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ୱାର୍ଡକୁ ଆପାତ୍‌କାଳୀନ ମୁକାବିଲା ପାଇଁ ପ୍ରସ୍ତୁତ ରଖିବା ଲାଗି କୁହାଯାଇଛି।

ସମୀକ୍ଷା ପରେ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱସ୍ଥି କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଛି। ମୁଖ୍ୟତଃ ରଥଯାତ୍ରାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯାହା ଆବଶ୍ୟକତା ରହିଛି ତାହାକୁ ଯେପରି ଭାବରେ ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରାଯାଇଛି। ଆୟୁର୍ବେଦ ମେଡିକାଲ କଲେଜରେ ଏକ ନୂତନ କୋଠା ନିର୍ମାଣ କରାଯାଇଛି ତାହାକୁ ରଥଯାତ୍ରା ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବଡ଼ଦାଣ୍ଡରେ ୮ଟି ମିନି ହସ୍ପିଟାଲ କରାଯିବ। ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହିବେ। ଯାହାଫଳରେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇପାରିବେ। ପ୍ରତି ମେଡିକାଲରେ ୧୦ଟି ବେଡ୍ ରହିବ। ଜଣେ ମେଡିସିନ ସ୍ପେସାଲିଷ୍ଟ, ଜଣେ ସର୍ଜରୀ କିମ୍ବା ଅର୍ଥୋପେଡିକ୍ ସ୍ପେସାଲିଷ୍ଟ, ଦୁଇଜଣ ଏମ୍‌ବିବିଏସ୍ ଡାକ୍ତର, ୩ ଜଣ ନର୍ସ ରହିବେ। ତିନିଟି ସିଫ୍ଟ କରାଯିବ। ଆପାତ୍‌କାଳୀନ ବ୍ୟବସ୍ଥା ମଧ୍ୟ ରହିବ। ଏହାଛଡ଼ା ସମସ୍ତ ମେଡିକାଲ ସରଞ୍ଜାମ ରହିବ। ତିନିଦିନ ପୂର୍ବରୁ କାର୍ଯ୍ୟକ୍ରମ କରାଯିବ। ଆଇଡିଏଚ୍‌ରେ ଏମ୍ସ ଦ୍ୱାର ସେବା ଯୋଗାଇ ଦିଆଯିବ। ଆଇସିୟୁର ସେବା ମଧ୍ୟ ରହିବ। ପୁରୀ ପାଇଁ ଅତିରିକ୍ତ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ। ଅତିରିକ୍ତ ଆମ୍ବୁଲାନ୍ସ ରଥଯାତ୍ରା ଏବଂ ରଥଯାତ୍ରା ପରେ ମଧ୍ୟ ପୁରୀରେ ମୁତୟନ ରହିବ। ବର୍ତ୍ତମାନ କେତେ ଡାକ୍ତର ଓ ନର୍ସ ରହିଛନ୍ତି, ଆଉ କେତେ ଜଣଙ୍କୁ ମୁତୟନ କରାଯିବ ସେ ନେଇ ବୈଠକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥି, ଜିଲ୍ଲା ଯକ୍ଷ୍ମା, ଛାତି ରୋଗ ଚିକିତ୍ସାଳୟର ଅଧୀକ୍ଷକ ଏବଂ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶାଢ଼ି ଶିରିପା ପ୍ରଦାନରେ ଶେଷ ହେଲା ଭଉଁରୀ



**ବଳଙ୍ଗା,୧୩।୫(ସମିସ):** ବକ୍ରେଶ୍ୱରଦେବଙ୍କ ୨୧ ଦିନ ଚନ୍ଦନ ଉତ୍ସବ ପରିପ୍ରେକ୍ଷୀରେ ୩ ଦିନ ଓଡ଼ିଶା ପ୍ରସିଦ୍ଧ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଉଁରୀ ଯାତ୍ରାର ମୁଖ୍ୟ ଆକର୍ଷଣ ନାଗାନୃତ୍ୟ। ଗୋଟିଏ ନାଗାର ମୁଣ୍ଡ ଉପରେ ଥିବା ହାଣ୍ଡିଆ ପ୍ରାୟ ୫୦ କେଜି ଚାନ୍ଦି ରୁପା ତାରକସି କାରୁକାର୍ଯ୍ୟ ଯଥା- ବିଭିନ୍ନ ମନ୍ଦିର, ତୋରଣ, ଫୁଲ, ଫଳ ଖଚିତ ହୋଇଥାଏ। ଢାଲ, ବାଙ୍କଛୁରୀ, ଗଣ୍ଡାଶିଙ୍ଗ, ବାଘଛାଲ, କମରପଟି, ଓରମାଳ, ଡେଣୁକ, ଏରାପକ୍ଷୀ ପ୍ରଭୃତି ପ୍ରସ୍ତୁତ ତାଟି କାନ୍ଧରେ ରଖି ବୀରବାଦ୍ୟ ତାଳେ ତାଳେ ନାଗାନୃତ୍ୟ କରିଥାନ୍ତି। ଚଳିତ ବର୍ଷ ବଳଙ୍ଗା, ଶମ୍ଭୁଭାରତୀ ପାଟଣା, ତୋଟାସାହି, ଦେଉଳି ସାହି ପ୍ରଭୃତି ଗ୍ରାମସ୍ଥ ବିଭିନ୍ନ ସାହିରେ ଥିବା ୧୫ଟି ଜାଗାଘର ତରଫରୁ ପ୍ରାୟ ୨୫ଟି ନାଗା ପ୍ରସ୍ତୁତ ହୋଇଥିଲେ। ବକ୍ରେଶ୍ୱର ମେଳଣ କମିଟି ତରଫରୁ ନାଗା, ପାଇକ ଆଖଡ଼ା ଖେଳାଳି ତଥା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଶାଢ଼ି, ଶିରିପା, ଫୁଲ, ଚନ୍ଦନ, କର୍ପୂର ମାଳ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମିଟି ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା, ସମାଜସେବୀ ଶ୍ରୀକର ପ୍ରଧାନ, କୃପାସିନ୍ଧୁ ଦତ୍ତ, ସାମ୍ବାଦିକ ମାନସ ରଞ୍ଜନ ଦାଶ, ବଳଙ୍ଗା ପଞ୍ଚାୟତ ସଭାପତି ପ୍ରଭାକର ନାୟକ, ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତିସଭ୍ୟ ପ୍ରକାଶ ସାହୁ, ପ୍ରଶନ୍ନ କୁମାର ଶତପଥି, ପରିଚାଳନା କମିଟି କର୍ମକର୍ତ୍ତା, ବିଭିନ୍ନ ଜାଗାଘର ମୁରବୀ ପ୍ରଭୃତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆରକ୍ଷୀ ବିଭାଗ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ୟମ ଜାରି ରଖିଥିଲେ।

# ନୂଆସୋମେଶ୍ୱରପୁରରେ ଚନ୍ଦନ ଯାତ୍ରା ଉଦ୍‌ଯାପିତ

**ସାକ୍ଷୀଗୋପାଳ,୧୩।୫(ସମିସ):** ସତ୍ୟବାଦୀ ଅନ୍ତର୍ଗତ ନୂଆ ସୋମେଶ୍ୱରପୁର ଗ୍ରାମରେ ପବିତ୍ର ଚନ୍ଦନ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ଦୀର୍ଘ ୨୨ ଦିନ ଧରି ଚାଲିଥିଲା। ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ଗୋପୀନାଥଦେବଙ୍କ ମନ୍ଦିର ସୁସଜ୍ଜୀକରଣ ସହ ପ୍ରତିଦିନ ଅପରାହ୍ଣରେ ବିମାନରେ ପ୍ରଭୁ ରାଧା କୃଷ୍ଣ, ମଦନ ମୋହନ, ମା' ଦୁର୍ଗା ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପାରମ୍ପରିକ ଆଖଡ଼ା ନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଜନସାଧାରଣମାନେ



ଏହି ଉତ୍ସବରେ ସାମିଲ୍ ହୋଇଥିଲେ। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚନ୍ଦନ ଯାତ୍ରା ଶେଷ ଦିନ ଅବସରରେ ଓଡ଼ିଶୀ, ଆଖଡ଼ା ଓ ନାଗା ଆଦି ପାରମ୍ପରିକ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିଥିଲେ। ପରିଶେଷରେ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ଜୟ ଦୂର୍ଗା କ୍ଲବ୍ ଆୟୋଜନ କରିଥିଲା। ଜୟ ଦୂର୍ଗା କ୍ଲବ୍‌ର ସଦସ୍ୟ ତଥା ଗ୍ରାମର ସମସ୍ତ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ● ଯୁବକଙ୍କୁ ମାଛକଟା ପନିକିରେ ହାଣିବା ଓ ବୁଲେଟ୍ ଚଢ଼ାଇବା ଘଟଣା

# ୪ ଘଣ୍ଟା ଧରି ଜେରା ପରେ ଡେମୋ ଦେଖାଇଲା ମୁଖ୍ୟ ଅଭିଯୁକ୍ତ




**କଣାସ,୧୩।୫(ସମିସ):** କଣାସ ବଜାରରେ ଯୁବକଙ୍କୁ ମାଛକଟା ପନିକିରେ ହାଣିବା ଓ ବୁଲେଟ୍ ଚଢ଼ାଇବା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଦୀର୍ଘ ୪ ଘଣ୍ଟା ପଚାରଉଚରା ପରେ ସ୍କ୍ରିନ୍ ରିକ୍ରିଏସନ୍ କରିଛି ପୁଲିସ। ଦୀର୍ଘ ୧୧ ଦିନ ପରେ ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଧଳା ରଙ୍ଗର ସ୍କୁଟିକୁ ଜବତ କରିଛି। ଯୁବକର ଛାତିରେ ଚଢ଼େଇଥିବା ବୁଲେଟ୍‌ର ଏଯାବତ୍ ସନ୍ଧାନ ମିଳିନାହିଁ। ସମୁଦାୟ ୬ ଜଣ ଅଭିଯୁକ୍ତ ଏବେସୁଦ୍ଧା ପୁଲିସ ପଞ୍ଝାରେ ରହିଥିବାବେଳେ ଆଉ ଜଣେ ଅଭିଯୁକ୍ତ ଫେରାର୍ ରହିଛି। ଏବେବି ସ୍ପେଶାଲ ସ୍କ୍ୱାଡ୍ ସହ ୪ଟି ଟିମ୍‌ର ଅଧିକାରୀମାନେ ତଦନ୍ତ ଜାରିରଖିଛନ୍ତି। ବୁଧବାର ମୁଖ୍ୟ ଅଭିଯୁକ୍ତକୁ କଣାସ ଥାନା ଅଣାଯାଇ କଡ଼ା ସୁରକ୍ଷା ବଳୟ ଭିତରେ ଡେମୋ ଦେଖାଇଲା ଅଭିଯୁକ୍ତ। ଡେମୋ ଦେଖାଇବା ବେଳେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ, ପୁରୀ ଅତିରିକ୍ତ ଏସ୍‌ପି, ପିପିଲି ଏସ୍‌ଡିପିଓ, କଣାସ ଥାନା ଅଧିକାରୀ, ସ୍ପେଶାଲ ସ୍କ୍ୱାଡ୍ ଅଫିସରଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟ ଭିତରେ ସ୍କ୍ରିନ୍ ରିକ୍ରିଏସନ୍ ଦେଖାଇଲା ମୁଖ୍ୟ ଅଭିଯୁକ୍ତ। ୧୫ ମିନିଟ୍ ପର୍ଯ୍ୟନ୍ତ ଘଟଣାସ୍ଥଳରେ ମୁଖ୍ୟ ଅଭିଯୁକ୍ତ ପୁଲିସକୁ ନିଜର କାର୍ଯ୍ୟକଳାପ ଦେଖାଇଥିଲା।

## ● ୮ ମାସ ପରେ ନିମାପଡ଼ା ଏନ୍‌ଏସିର ଜରୁରୀ ବୈଠକ

# ରାସ୍ତା, ପାନୀୟ ଜଳ, ଡ୍ରେନେଜ୍ ସମସ୍ୟା ସମାଧାନ ଦାବି



**ନିମାପଡ଼ା,୧୩।୫(ସମିସ):** ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ସଭାଗୃହରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କାଉନ୍‌ସିଲର କବିତା ପ୍ରଧାନ, ନିରଞ୍ଜନ ନାୟକ, ମାଧବ ସାହୁ, ଧନୁର୍ଦ୍ଧର ଦାସ, କବିତା ତରାଇ, ରାଜ କିଶୋର ସାହୁ, ନିବେଦିତା ପଟ୍ଟନାୟକ, ଟିକିନା ପଣ୍ଡା, ରଞ୍ଜିତା ପାତ୍ର, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବୈଠକରେ ଡ୍ରେନେଜ୍, ସାହି ରାସ୍ତା, ଆଲୋକୀକରଣ, ପିଇବା ପାଣି, ରାସ୍ତାଘାଟ ପରିଷ୍କାର, ଭେଣ୍ଡିଂ ଜୋନ୍ ନିର୍ମାଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ୮ ମାସ ପରେ ବୁଧବାର ଏନ୍‌ଏସି ବୈଠକ ହୋଇଥିବା ଜଣାପଡ଼ିଛି। ଶାନ୍ତିଶୃଙ୍ଖଳା ପାଇଁ ନିମାପଡ଼ା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଆସୁନି ଟୋକନ, ଖୋଲୁନି ମଣ୍ଡି, ଉଠୁନି ଧାନ

# ଚାଷୀଙ୍କ ଭିତରେ ଜଳୁଛି ବିଦ୍ରୋହର ନିଆଁ

ବ୍ରହ୍ମଗିରି,୧୩।୫(ସମିସ)



ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ଚାଷୀମାନଙ୍କ ପାଖରେ ଗଚ୍ଛିତ ହୋଇ ପଡ଼ି ରହିଛି ଶହଶହ କ୍ୱିଣ୍ଟାଲ ଧାନ। ରବି ଧାନ ବିକ୍ରି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। ଚାଷୀମାନେ ମେଳି ବାନ୍ଧିବା ପାଇଁ ସଜବାଜ ଚଳାଇଛନ୍ତି। ଖରିଫ୍ ଧାନ ବିକ୍ରି କରିବା ପାଇଁ ସାରା ରାଜ୍ୟର ଚାଷୀମାନେ ଯେଉଁଭଳି ହଇରାଣ ହୋଇଛନ୍ତି ତାହା ଚାଷୀଙ୍କ ମନରୁ ଲିଭିନି। ଅଦ୍ୟାବଧି ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିପଡ଼ି ନଷ୍ଟ ହୋଇଯାଇଛି। ବର୍ତ୍ତମାନ ରବି ଧାନ ବିକ୍ରି କରିବା ପାଇଁ ଚାଷୀ ପୁଣି ଚିନ୍ତାରେ ପଡ଼ିଲେଣି।

ରବି ଋତୁରେ ଅମଳ ହୋଇଥିବା ଧାନଗୁଡ଼ିକୁ ପୁରୀ ଜିଲ୍ଲାରେ ମେ' ୧୫ ତାରିଖରୁ ସମସ୍ତ ସୋସାଇଟି ମାଧ୍ୟମରେ ମଣ୍ଡି ଖୋଲାଯାଇ ସରକାର ଚାଷୀମାନଙ୍କଠାରୁ ଧାନ କିଣିବା କଥା। ମେ' ୧୩ ତାରିଖ ହେଲାଣି, ବର୍ତ୍ତମାନ ସୁଦ୍ଧା ଚାଷୀମାନଙ୍କ ପାଖକୁ ଟୋକନ ପହଞ୍ଚିନାହିଁ। ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କଠାରୁ ଧାନ କିଣିବାରେ ବିଫଳତା ଜଳ ଜଳ ଦେଖିବାକୁ ମିଳିଛି। ନୂତନ ସରକାର ଧାନର ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ସେପଟେ ବାହାର ବେପାରୀ ଏତେ ଟଙ୍କା ମୂଲ୍ୟ ଦେଇ ଧାନ କିଣିବା ସମ୍ଭବ ନୁହେଁ। ତେଣୁ ସେମାନେ ଧାନ କିଣିବା ପାଇଁ ଆଉ ଆସୁନାହାନ୍ତି। ତେଣୁ ସମସ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ବସିଛନ୍ତି। କିନ୍ତୁ ସରକାର ଧାନ କିଣିବା ପାଇଁ ଆଜି ପର୍ଯ୍ୟନ୍ତ ମଣ୍ଡିମାନଙ୍କୁ ଟୋକନ ସହିତ ଟାର୍ଗେଟ ଦେଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକ୍‌ରେ ୨୧ଟି ସୋସାଇଟିରେ ମଣ୍ଡି ଖୋଲାଯାଇ ସରକାର ଧାନ କିଣିବେ। ଆଗକୁ ମୌସୁମୀଜନିତ ବର୍ଷା ଆସୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଧାନ ନଷ୍ଟ ହେବାର ଭୟ ଲାଗିଲାଣି। ସେପଟେ ସୋସାଇଟି ଅଧିକାରୀମାନେ କହିଛନ୍ତି, ସରକାରଙ୍କ ତରଫରୁ ଧାନ କିଣିବା ପାଇଁ ଟୋକନ ଅସୁନି କି ଟାର୍ଗେଟ ଆସୁ ନ ଥିବାରୁ ଆମେ ହାତ ଟେକି ବସିଛୁ। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିରେ ଅତିଷ୍ଠ ହୋଇ ଅଞ୍ଚଳର ସମସ୍ତ ଚାଷୀ ମେଳି ବନ୍ଧୁଥିବା ଦେଖିବାକୁ ମିଳିଛି। ଯଦି ଖୁବ୍‌ଶୀଘ୍ର ରାଜ୍ୟ ସରକାର ଚାଷୀମାନଙ୍କ ଟୋକନ ଦେଇ ଧାନ କିଣିବାର ସୁବ୍ୟବସ୍ଥା ନ କରନ୍ତି, ତେବେ ଚାଷୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଅଚଳ କରିଦେବେ ବୋଲି କିଛି ଚାଷୀ ନେତାମାନେ କହିଛନ୍ତି।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କାମଦେବ ଜେନା
ଗୋବିନ୍ଦପୁର, ଉତ୍ତରକୁଳ, ଯାଜପୁର
ଆବିର୍ଭାବ - ୨୮.୦୫.୧୯୬୧
ତିରୋଧାନ - ୧୩.୦୫.୨୦୨୪
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ମା-ଲକ୍ଷ୍ମୀ ଜେନା, ପତ୍ନୀ-ସ୍ନେହଲତା ଜେନା, ପୁତ୍ର-ଜନ୍ମେଜୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବୀ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ମାନସୀ, ନାତି-ଜୟଦିପ୍, ରୁଦ୍ରାଣ, ନାତୁଣୀ-ଅମ୍ରିତା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

# ନୟାଗଡ଼ରେ 'ଆହାର' ଯୋଜନା ବାଟମାରଣା

ନୟାଗଡ଼,୧୩।୫(ସମିସ)

ନୟାଗଡ଼ ଜିଲ୍ଲାରେ ସରକାରଙ୍କ କଲ୍ୟାଣକାରୀ ଯୋଜନା "ଆହାର'ରେ ବ୍ୟାପକ ଘୋଟାଲା ଅଭିଯୋଗ ହୋଇଛି। ଆହାର ପରିଚାଳନା ଦାୟିତ୍ୱ ନୟାଗଡ଼ ପୌର ପରିଷଦ ଅଧୀନରେ ଥିବା ବେଳେ ପ୍ରସ୍ତୁତି ଓ ଆବଣ୍ଟନ ପାଇଁ ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ହାତବାରିଶି କରି ଜଣେ ବ୍ୟକ୍ତି ସାଂଘାତିକ ଘୋଟାଲା କରିବା ସହ ଆହାର ମିଲ୍ ସଂଖ୍ୟା କମାଇ ବାଟମାରଣା କରୁଛନ୍ତି। ନୟାଗଡ଼ ଆହାର କେନ୍ଦ୍ର ଅଧୀନରେ ନୟାଗଡ଼, ରଣପୁର, ଓଡ଼ଗାଁ, ଦଶପଲ୍ଲା ଓ ଖଣ୍ଡପଡ଼ା ରହିଛି। ନୟାଗଡ଼ ଆହାର କେନ୍ଦ୍ରରୁ ପ୍ରତ୍ୟେକ ଦିନ ଆହାର ପ୍ରସ୍ତୁତ କରାଯାଇ ଉକ୍ତ କେନ୍ଦ୍ରକୁ ପଠାଯାଉଛି। ଦୈନିକ ୨୫ ଶହ ଏବଂ ମାସକୁ ୭୦ରୁ ୮୦ ହଜାର ମିଲ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି। ବାସ୍ତବରେ ଏହି ପରିମାଣର ମିଲ ରୋଷେଇ ହେଉ ନ ଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ହିତାଧିକାରୀ ଆହାର କେନ୍ଦ୍ରକୁ ଯାଇ ନିରାଶରେ ଫେରୁଛନ୍ତି।



ମିଳିଥିବା ସୂଚନାନୁସାରେ, ନୟାଗଡ଼ ଆହର କେନ୍ଦ୍ର ପାଇଁ ମଧ୍ୟାହ୍ନ ସମୟରେ ୯୫୦ ମିଲ, ରାତି ପାଇଁ ୩ ଶହ ମିଲ୍ ରୋଷେଇ କରାଯାଉଛି। ସେହିଭଳି ରଣପୁର ପାଇଁ ୩ ଶହ, ଓଡ଼ଗାଁ ପାଇଁ ୩୫୦, ଦଶପଲ୍ଲା ପାଇଁ ୩ ଶହ, ଖଣ୍ଡପଡ଼ା ପାଇଁ ୩ ଶହ ମିଲ କରାଯାଉଛି। ଏହି ହିସାବରେ ସରକାରୀ କାଗଜପତ୍ରରେ ୨୫ ଶହ ମିଲ ହେଉଛି। ନୟାଗଡ଼ ଆହାର କେନ୍ଦ୍ରରେ ସକାଳ ୧୧ଟାରୁ ଦିନ ୩ଟା ପର୍ଯ୍ୟନ୍ତ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଉପଯୋଗୀ ହେବାକୁ ନିୟମ ରହିଥିବା ବେଳେ ୧୨ଟା ପରେ ଆଉ ଟୋକନ ମିଳୁନାହିଁ। ସମାନ ଭାବେ ଜିଲ୍ଲାର ପ୍ରତ୍ୟେକ ଆହର କେନ୍ଦ୍ରକୁ କମ ପରିମାଣର ମିଲ ପଠାଯାଉଛି। ଯାହାକୁ ନେଇ ଲୋକଙ୍କ ମନରେ ଚାପା ଅସନ୍ତୋଷ ସୃଷ୍ଟି ହେଉଛି। ସରକାର ଗୋଟିଏ ମିଲ ପିଛା ୨୨ ଟଙ୍କା ଏବଂ ହିତାଧିକାରୀମାନେ ୫ ଟଙ୍କା ପ୍ରଦାନ କରୁଥିବା ବେଳେ ମିଲ ରୋଷେଇ କମାଇ ସରକାରଙ୍କ ପାଖରୁ ଆସୁଥିବା ୨୨ ଟଙ୍କାକୁ ବାଟମାରଣା କରାଯାଉଛି। ପ୍ରତ୍ୟେକ ଦିନ ୧ ହଜାର ମିଲ ଘୋଟାଲା ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ମିଲ ସଂଖ୍ୟାକୁ ସଂଖ୍ୟାକୁ ତଦାରଖ କରିବାକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଆହର ବ୍ୟବସ୍ଥାର ଭିଜିଲାନ୍ସ ତଦନ୍ତ କରାଗଲେ ଏକ ବଡ଼ କେଳେଙ୍କାରୀ

- ସିଂହଭାଗ ଖାଉଛନ୍ତି ନେତା ଓ ଅଧିକାରୀ
- ଦିନକୁ ୨୫ ଶହ, ମାସକୁ ୭୦ରୁ ୮୦ ହଜାର ମିଲ୍
- ଟୋକନ ନ ଥିବା କହି ଫେରୁଛନ୍ତି ହିତାଧିକାରୀ

କମାଇ ରୋଷେଇ କରାଯାଉଛି। ବାଟମାରଣା ହେଉଥିବା ଅର୍ଥକୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପରିଚାଳନା କରୁଥିବା ନେତା, ଅଧିକାରୀଙ୍କୁ ଖୁସି କରାଯାଉଛି। ସରକାରୀ ଦଳର କିଛି ଛାମୁଆ ନେତା ତଥା କର୍ମୀଙ୍କୁ ଆହାର ଅର୍ଥରୁ ସିଂହଭାଗ ଯାଉଥିବା ଆଲୋଚନା ହେଉଛି। ପୌର ପରିଷଦ ପକ୍ଷରୁ ଆହାର ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଏବଂ ମିଲ ପ୍ରମାଣିତ ହେବା ନିଶ୍ଚିତ ବୋଲି ଅଭିଯୋଗ ହେଉଛି। ଆହାର ବାଟମାରଣା ଅଭିଯୋଗ ସମ୍ପର୍କରେ ମତାମତ ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରେ କହିଲେ, ମିଲ ବାଟମାରଣ ହେଉନାହିଁ। ବରଂ ମିଲ୍ ପାଉ ନ ଥିବା କହିଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨ ଶହ ମିଲ ବୃଦ୍ଧି କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।

## ବାହାଡ଼ାଝୋଲା ପାକ୍ସ ସମ୍ପାଦକ ବହିଷ୍କୃତ

ନୂଆଗାଁ,୧୩।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବାହାଡ଼ାଝୋଲା ପାକ୍ସର ନିଲମ୍ବିତ ସମ୍ପାଦକ ବିଷ୍ଣୁପ୍ରସାଦ ନିଶଙ୍କୁ ପରିଚାଳନା ପରିଷଦ ସଭାପତି ରୁଜୋଲ୍ୟୁସନ (ନଂ-୨, ତା ୧୧.୫.୨୬ ରିଖ) ଅନୁସାରେ ବହିଷ୍କୃତ କରିଛନ୍ତି। ବିଷ୍ଣୁପ୍ରସାଦଙ୍କୁ ପରିଚାଳନା ପରିଷଦ ୨୦୨୫ ନଭେମ୍ବର ୪ରେ ନିଲମ୍ବନ କରିଥିଲା। ଅଫିସ ନିର୍ଦ୍ଦେଶକୁ ଅବମାନନା, ଆର୍ଥିକ ଅନିୟମିତତା, ଧାନ ପଞ୍ଜୀକରଣରେ ଅନିୟମିତତା, କର୍ତ୍ତବ୍ୟରେ ଅବହେଳା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏ ନେଇ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ୨୦୨୫ ଡିସେମ୍ବର ୧୧ ତାରିଖ ଚିଠି ସଂଖ୍ୟା ୨୩୨୬ରେ କ୍ୟାଡର ରୁଲ ଲାଗୁ ଯୋଗୁଁ ପରିଚାଳନା ପରିଷଦ ସମ୍ପାଦକଙ୍କୁ ନିଲମ୍ବନ କରିପାରିବ ନାହିଁ ବୋଲି ଉଲ୍ଲେଖ କରିଥିଲେ। ତେବେ ପରିଚାଳନା ପରିଷଦ ସଭାପତି ସମବାୟ ନ୍ୟାୟାଧିକରଣ ଭୁବନେଶ୍ୱରରେ ସହକାରୀ ନିବନ୍ଧକଙ୍କ ଚିଠିକୁ ଚାଲେଞ୍ଜ କରିଥିଲେ। ୨୦୨୬ ମାର୍ଚ୍ଚ ୨୪ ତାରିଖ ସମବାୟ ନ୍ୟାୟାଧିକରଣଙ୍କ ଆଦେଶ ସଂଖ୍ୟା ୬ ଅନୁଯାୟୀ ପରିଚାଳନା ପରିଷଦ ନିଲମ୍ବନ କରିପାରିବ ବୋଲି ଆଦେଶ ଦେଇଛନ୍ତି। ପରେ ନିଲମ୍ବିତ ସମ୍ପାଦକ ବିଷ୍ଣୁପ୍ରସାଦଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରାଯାଇଥିଲା। ସେ ଏହାର କୌଣସି ଉତ୍ତର ଦେଇ ନ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବିଷ୍ଣୁପ୍ରସାଦ ଦୁଇଥର ନିଲମ୍ବିତ ହୋଇଥିଲେ।

● ଖଣି ମାଫିଆଙ୍କ ଦ୍ୱାରା ଯୁବକଙ୍କୁ ହତ୍ୟା ଘଟଣା

## ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ କଲା ପୁଲିସ



ଓଡ଼ଗାଁ,୧୩।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ କଦଳୀବନ୍ଧ ଗ୍ରାମ ସମ୍ମୁଖ ୨୧ ନମ୍ବର ରାଜ୍ୟ ରାଜପଥରେ ଗତ ରବିବାର ବିଳମ୍ବିତ ରାତିରେ ଘଟିଥିବା ଚାଞ୍ଚଲ୍ୟକର ଅଜିତ୍ ସାହୁ ହତ୍ୟାକାଣ୍ଡ ଘଟଣାରେ ଆଜି ପୁଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏସନ୍ କରାଯାଇଛି। ଅବୈଧ ମାଙ୍କଡ଼ା ପଥର ଖଣି ଖନନ ଓ ପରିବହନକୁ ବିରୋଧ କରି ଚାନ୍ଦା ଆଦାୟ ଘଟଣାକୁ ନେଇ ଘଟିଥିବା ହତ୍ୟାକାଣ୍ଡ କେଉଁଭଳି ଘଟିଥିଲା। ତାହାକୁ ଅଭିଯୁକ୍ତମାନେ ପୁଣି କରି ଦେଖାଇଛି। ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଓଡ଼ଗାଁ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ, ଏସ୍ଆଇ ଚକ୍ରଧର ସିଂଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ଅଣାଯାଇଥିଲା। ଚୋରା ମାଙ୍କଡ଼ା ପଥର ଅନଲୋଡ୍ ହେଉଥିବା କଦଳୀବନ୍ଧ ଗଳି ରାସ୍ତାରୁ କିପରି ସେମାନେ ମୁଖ୍ୟରାସ୍ତାକୁ ଆସିଥିଲେ ଓ ପରବର୍ତ୍ତୀ ସମୟରେ କିପରି ହତ୍ୟାକାଣ୍ଡ ଘଟାଇଥିଲେ, ତାହାର ସମ୍ପୂର୍ଣ୍ଣ ପୁନରାବୃତ୍ତି କରିଥିଲେ। ଡେମୋ ସମୟରେ ଅଜିତଙ୍କ ପ୍ରତୀକାତ୍ମକ ମୂର୍ତ୍ତିକୁ ଧରି ଅଭିଯୁକ୍ତ ମହନ୍ତ କିପରି ତାଙ୍କୁ ମାଡି ଧରିଥିଲେ ଏବଂ ଅନ୍ୟ ଅଭିଯୁକ୍ତ ମାନସ ବେହେରା ଖଣ୍ଡାରେ କିପରି ଆକ୍ରମଣ କରିଥିଲା, ତାହା ପୁଲିସକୁ ଦେଖାଇଥିଲେ। ଘଟଣାପରେ ଅଭିଯୁକ୍ତଙ୍କୁ ଏକ ସୁଇଫ୍ଟ ଡିଜାୟର କାର୍ (ଓଡି ୧୩ ଜେ ୧୧୧୩) ଯୋଗେ ଢେଙ୍କାନାଳ ଜିଲ୍ଲା ଭାପୁର ଗ୍ରାମକୁ ନେଇଥିବା ଘଟଣାରେ ସମ୍ପୃକ୍ତ ଖଣ୍ଡପଡ଼ା ଚଉପାଲି ଅଞ୍ଚଳର ଡ୍ରାଇଭର ନରେଶ ବିଶୋଇଙ୍କୁ ମଧ୍ୟ ପୁଲିସ ଦଶପଲ୍ଲାରୁ ଗିରଫ କରିଛି। ଏହାସହ ଧୋବା ସାହିର ଶ୍ରୀଧର ସାହୁଙ୍କୁ ପଚରାଉଚରା ପରେ ଛାଡ଼ି ଦିଆଯାଇଛି। ରିକ୍ରିଏସନ ପ୍ରକ୍ରିୟା ଶେଷ ହେବା ପରେ ଓଡ଼ଗାଁ ନିତ୍ୟାନନ୍ଦ ସାହିର ପୂର୍ଣ୍ଣଚନ୍ଦ୍ର ନାୟକ, ରୋହିବା ଧୋବା ସାହିର ମହନ୍ତ ନାୟକ, ମାନସ ବେହେରା ଓ ଡ୍ରାଇଭର ନରେଶ ବିଶୋଇଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

● ବିଜେଡିରୁ ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା ପ୍ରସଙ୍ଗ

## ଅନାସ୍ଥା ପାଇଁ ସଜବାଜ ସରପଞ୍ଚ, ସମିତିସଭ୍ୟ

ନୟାଗଡ଼,୧୩।୫(ସମିସ): ନୟାଗଡ଼ ସଦରବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜୁ ଜନତା ଦଳରୁ ଇସ୍ତଫା ଦେବା ପରେ ତାଙ୍କ ପାଇଁ ଏବେ ଅଡୁଆ ବଢ଼ିଛି। ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ନୟାଗଡ଼ ବ୍ଲକର ଅନେକ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ଆଣିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ନୟାଗଡ଼ ବ୍ଲକ ଭାଟସାହି ପଞ୍ଚାୟତରୁ ୨୦୧୭ରେ ପ୍ରଥମେ ସରପଞ୍ଚ ଭାବେ ବିଜୁ ଜନତା ଦଳ ସମର୍ଥନରେ କିଶୋର ଚନ୍ଦ୍ର ସାହୁ ବିଜୟୀ ହୋଇଥିଲେ। ୨୦୨୨ରେ ସେ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ଼ଙ୍କୁ ଉଭୟ ନିର୍ବାଚନରେ ସେ ମାତ ଦେଇଥିଲେ। ତାଙ୍କୁ ବିଜେଡିର ସମସ୍ତ ସମିତିସଭ୍ୟ ସମର୍ଥନ ଦେଇଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ସମ୍ପର୍କରେ ସେ ଜିଲ୍ଲା ସଭାପତି ତଥା ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରାଙ୍କୁ ଅବଗତ କରିଛନ୍ତି। ତେବେ ତାଙ୍କ ଇସ୍ତଫାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ନୟାଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ। ଯାହାକୁ ନେଇ ଗତକାଲି ସମସ୍ତ ସରପଞ୍ଚ ଓ ସମିତି ନୟାଗଡ଼ ବିଜେଡି ଅଫିସକୁ ଆସି କ୍ଷୋଭ ପ୍ରକାଶ କରିଛନ୍ତି। କୌଣସି ପରିସ୍ଥିତିରେ ଅଧ୍ୟକ୍ଷଙ୍କୁ ଆଉ ସମର୍ଥନ ଦିଆଯିବ ନାହିଁ ବୋଲି ନୟାଗଡ଼ ବିଧାୟକଙ୍କୁ ସିଧାସିଧା ଶୁଣାଇଛନ୍ତି। ଦଳ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ଏବଂ ନିଜ ସ୍ୱାର୍ଥ ପାଇଁ ଦଳ ଛାଡୁଥିବା ନେତାଙ୍କୁ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ଅନେକ ସରପଞ୍ଚ ମତ ଦେଇଛନ୍ତି। ଆଜି ନୟାଗଡ଼ ବ୍ଲକର ୪୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ ଅନସ୍ଥା ପ୍ରସ୍ତାବ ଆଣୁଥିବା ସୂଚନା ମିଳିଛି। ଏନେଇ ସରପଞ୍ଚ ଓ ସମିତି ସଭ୍ୟମାନେ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ଯୋଜନା ରହିଛି। ଗତ ରବିବାର ବୁଢ଼ୀଝରୀ ଫାର୍ମ ହାଉସରେ ଅଧ୍ୟକ୍ଷ ସାହୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ବିଜେଡି ସାଂଗଠନିକ ବୈଠକ କରିବା ଏବଂ ହଠାତ୍ ଦଳ ଛାଡ଼ିବା ଏବେ ରୋଚକ ସ୍ଥିତି ସୃଷ୍ଟି କରିଛି। ଅଧ୍ୟକ୍ଷ ସାହୁ ଖୁବଶୀଘ୍ର ବିଜେପିରେ ମିଶୁଥିବା ନେଇ ଆଲୋଚନା ହେଉଛି।

## ଚାନ୍ଦାମାଗି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଭାପୁର,୧୩।୫(ସମିସ): ସରକାରୀ ଅନୁଦାନ ବିନା ଦଳମତ ନିର୍ବିଶେଷରେ ଗ୍ରାମବାସୀ ଚାନ୍ଦା କରି ନିଜ ଜମି ଦାନକରି ଗହିର ବିଲରେ ୩ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ଏପରି ଏକ ମହତ କାର୍ଯ୍ୟ କରିଛନ୍ତି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ନିମାଣୀ ଗ୍ରାମବାସୀ। ଯାହା ପ୍ରଶାସନ ପାଇଁ ଅସମ୍ଭବ ଥିଲା ତାହା କରି ଦେଖାଇଛନ୍ତି ନିମାଣୀ ଗ୍ରାମବାସୀ। ସେମାନଙ୍କ ମଧ୍ୟରେ ରାଜନୈତିକ ମତପାର୍ଥକ୍ୟ ଥିଲେ ମଧ୍ୟ ଗ୍ରାମର ଉନ୍ନତି ପାଇଁ ସମସ୍ତେ ଏକ ହେବା ଓ ଏକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।



ଗ୍ରାମର ୬ ୱାର୍ଡର ୩ ହଜାର ଲୋକ ନିକଟସ୍ଥ ସାନସହରା ଗ୍ରାମକୁ ଯିବା ଆସିବା ପାଇଁ ଗହିର ଭିତରେ ନିଜସ୍ୱ ଜମି ଉପରେ ନିଜସ୍ୱ ଖର୍ଚ୍ଚ ଓ ଶ୍ରମଦାନରେ ୩ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ସମସ୍ତଙ୍କ ମନପ୍ରାଣ ଏକ ହେଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରେ, ତାହା କରି ଦେଖାଇଛନ୍ତି ଗ୍ରାମବାସୀ। ଗ୍ରାମର ମୂଲିଆ, ଶ୍ରମିକଙ୍କଠାରୁ ଧନୀ ଓ ଶିକ୍ଷିତ ଲୋକମାନେ ସମସ୍ତେ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ଗରିବ ଖଟିଖିଆ ଲୋକଟିଏ ସର୍ବନିମ୍ନ ୫ ଶହ ଟଙ୍କା ଦେଇଥିଲାବେଳେ ଧନୀ ଓ ଚାକିରିଆ ଲୋକମାନେ ୧୦ ହଜାରରୁ ୫୦ ହଜାର ପର୍ଯ୍ୟନ୍ତ ଦାନ କରିଛନ୍ତି। ଏହାସହ ସମସ୍ତେ ଶ୍ରମଦାନ କରୁଛନ୍ତି। ଏହି ମହତ କାର୍ଯ୍ୟରେ ନିକଟସ୍ଥ ବଡ଼ସହରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦଣ୍ଡପାଣି ନାୟକ ନିଜର ବହୁମୂଲ୍ୟ ଜମି ଦେଇ ସହଯୋଗ କରିବା ସହ ନିମାଣୀ ଗ୍ରାମବାସୀ ମାନଙ୍କୁ ରାସ୍ତା ନିର୍ମାଣ ପାଇଁ ଉତ୍ସାହିତ କରିଛନ୍ତି। ସେହିପରି ସାନସହରା ଓ ବଡସହରା ଗ୍ରାମର ଅନେକ ବ୍ୟକ୍ତି ଙ୍କ ସହଯୋଗରେ ନିମାଣୀ ଗ୍ରାମ

**ସହଯୋଗ କଲେ ଅନ୍ୟ ଦୁଇ ଗ୍ରାମର ଜନସାଧାରଣ**

ଠାରୁ ସାହସହରା ଗାଁ ମୁଣ୍ଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି ତିନି କିଲୋମିଟର ରାସ୍ତାରେ ଗୋଟିଏ ବଡ ପୋଲ ନିର୍ମାଣ ହେବ ଓ ଅନେକ ଛୋଟ ଛୋଟ ପୋଲ ବି ନିର୍ମାଣ ହେଲେ ଏହା ସବୁଦିନିଆ ରାସ୍ତାରେ ପରିଣତ ହେବାସହ ସାନସହରା, ବାଲିଆପଟା ଓ ଶାଳପଡ଼ା ଦେଇ ଭାପୁର ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରିବ। ଏହି ରାସ୍ତା ନିର୍ମାଣ ହେବାପରେ ଦୁଇ ଗ୍ରାମର ଦୂରତା ୭ କିଲୋମିଟରରୁ କମି ୩ କିଲୋମିଟର ହୋଇଯିବ। ଫଳରେ ଏହି ତିନି ଗ୍ରାମବାସୀଙ୍କ ସହ ଅନ୍ୟ ଗ୍ରାମବାସୀ ମଧ୍ୟ ଏହାର ସୁଫଳ ପାଇବେ। ଏପରି ଏକ ଅନନ୍ୟ କାର୍ଯ୍ୟ କରି ନିମାଣୀ ଗ୍ରାମବାସୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ନୟାଗଡ଼ରେ ସାଇକ୍ଲୋଥନ ଓ ମାରାଥନ ରାଲି

ନୟାଗଡ଼,୧୩।୫(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଅବସରରେ ନୟାଗଡ଼ ଜିଲ୍ଲାରେ ସାଇକ୍ଲୋଥନ ଓ ମାରାଥନ ରାଲିର ଆୟୋଜନ କରାଯାଇଥିଲା। ଏହି ସାଇକ୍ଲୋଥନ ଓ ମାରାଥନ ରାଲିକୁ ସକାଳୁ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ପତାକା ଦେଖାଇ ଉଦଘାଟନ କରିଥିଲେ।



ମାରାଥନଟି ନୟାଗଡ଼ ଷ୍ଟାଡିୟମରୁ ଆରମ୍ଭ ହୋଇ ପିଟିଏସ୍ ରୋଡ୍ ମାର୍ଗରେ ନୟାଗଡ ସ୍?ୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମକୁ ଫେରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଜାତା କୁମାରୀ ସାହୁଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜନ କରାଯାଇଥିଲା। ଶେଷରେ ସେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

● ବିନା ଟେଣ୍ଡରରେ ଚାଲିଛି ପର୍ଯ୍ୟଟନସ୍ଥଳୀ ଉନ୍ନତୀକରଣ

## ବନବିଭାଗର ଠିକାଦାର ପୋଷା ନୀତିକୁ ନେଇ ପ୍ରଶ୍ନବାଚୀ

ଖଣ୍ଡପଡ଼ା,୧୩।୫(ସମିସ): ଖଣ୍ଡପଡ଼ା ବନାଞ୍ଚଳରେ ଏବେ ଠିକାଦାର ପୋଷା ନୀତି ଚାଲିଥିବା ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ ବ୍ଲକର ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ଟାସେରା ଏବଂ କୋସକା ପଞ୍ଚାୟତର ଯୋଗୀଯୋଗିଆଣି ବୌଦ୍ଧ ପୀଠରେ ଉନ୍ନତିକରଣ କାମ ନେଇ ଶିଳାନ୍ୟାସ କରାଯାଇଥିଲା। ଉଭୟ ପୀଠର ଉନ୍ନତିକରଣ କାମ ବନବିଭାଗ ଦ୍ୱାରା ସମ୍ପାଦିତ ହେବ ବୋଲି ସୂଚନା ଦିଆଯାଇଥିବା ବେଳେ ଯୋଗୀଯୋଗିଆଣି ପୀଠ ନିମନ୍ତେ ପ୍ରାୟ ୩୩ ଲକ୍ଷ ଏବଂ ଟାସେରା ପାହାଡ଼ ଉପରେ ଉନ୍ନତୀକରଣ ନିମନ୍ତେ ପ୍ରାୟ ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉନ୍ନତୀକରଣ କାମ ଚାଲିଛି। ୫ ଲକ୍ଷରୁ ଅଧିକ ଟଙ୍କାରେ କୌଣସି କାମ ହେଲେ ଟେଣ୍ଡର କରାଯିବା ନେଇ ସରକାରୀ ନିୟମ ରହିଛି। ଖଣ୍ଡପଡ଼ାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଟେଣ୍ଡର ଏଡ଼ାଇବାକୁ ଚତୁରତାର ସହ ପ୍ରତ୍ୟେକ କାମକୁ ବନ ବିଭାଗ ଦ୍ୱାରା କରାଯାଉଛି। ତେବେ ବନବିଭାଗ



ତତ୍ତ୍ୱାବଧାନରେ କାମ ହେବା ବଦଳରେ ଉଭୟ ସ୍ଥାନରେ ଠିକାଦାରଙ୍କୁ ଏହା ବିକ୍ରି କରିଦିଆଯାଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଟାସେରା ପାହାଡ଼ ଉପରେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ମାଟି ଆଣି କାମ କରାଯାଉଥିବା ବେଳେ ପାହାଡ଼ ପାଦଦେଶକୁ ମଧ୍ୟ ତାଡ଼ିଦିଆଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୀଠର ଉନ୍ନତୀକରଣ ନିମନ୍ତେ ଅନେକ ବର୍ଷ ହେବ ଦାବି ହୋଇ ଆସୁଥିବା ବେଳେ ବନବିଭାଗ ପକ୍ଷରୁ କେଉଁ କାମ କରାଯିବ ସେ ବାବଦରେ ସ୍ପଷ୍ଟ ସୂଚନା ନ ଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି। ପ୍ରାୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାମକୁ ବିନା ଟେଣ୍ଡରରେ କରାଯିବା ନେଇ ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମର ମାନ ପରୀକ୍ଷା କିମ୍ବା ତଦାରଖ ବ୍ୟବସ୍ଥା ନ ଥିବାରୁ ବ୍ୟାପକ ଅନିୟମିତତା ହେଉଥିବା ସିଙ୍ଘାପଡ଼ା ସରପଞ୍ଚ ସୁନୀଲ ପ୍ରଧାନ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ବର୍ଷ ବର୍ଷ ଧରି ବନବିଭାଗ ଏଭଳି ଅନିୟମିତତା କରି ଆସୁଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସରପଞ୍ଚ ପ୍ରଧାନ। ନୟାଗଡ଼ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

● ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା

## ପୁଲିସ ତଦନ୍ତ ଜାରି, କୁଆଡ଼େ ଗଲା ସଞ୍ଜୟଙ୍କ ମୋବାଇଲ?

ଗଣିଆ,୧୩।୫(ସମିସ): ଗଣିଆ ଥାନା ବାଲିସାହି-ଏରୁଣ୍ଡିପଥର ରାସ୍ତା କଡ଼ରୁ ସୋମବାର ଅପରାହ୍ନରେ ମିଳିଥିଲା ଏକ ଅର୍ଦ୍ଧଦଗ୍ଧ ମୃତଦେହ। ମୃତଦେହଟି ଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନଙ୍କର ବୋଲି ଜଣାପଡ଼ିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ନ୍ୟାୟ ଦାବିରେ ପରିବାର ଲୋକେ ମଙ୍ଗଳବାର ଗଣିଆ-କଣ୍ଟିଲୋ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ତେବେ ମୃତ ସଞ୍ଜୟଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ବାଲିସାହି ଗ୍ରାମର ଜଣେ ମହିଳାଙ୍କୁ ଭଲ ପାଉଥିଲେ। ମହିଳା ଜଣକ ପୁଅକୁ ପ୍ରେମଜାଲରେ ଫସାଇ ଟଙ୍କା ହଡ଼ପ କରିବା ସହ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ସମ୍ପୃକ୍ତ ମହିଳାଙ୍କୁ ଖୋଜାଖୋଜି କରୁଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ଅନ୍ୟପଟେ ସଞ୍ଜୟଙ୍କ ମୋବାଇଲ ଫୋନ କୁଆଡ଼େ ଗଲା ତାହା ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସଞ୍ଜୟ ୧୦ ତାରିଖ ଭୁବନେଶ୍ୱରରୁ କେଉଁ ବସରେ ଆସିଥିଲେ, କେଉଁ ଛକରେ ଓହ୍ଲାଇଥିଲେ ସେ ସମ୍ପର୍କରେ ମଧ୍ୟ ପଚରାଉଚରା ଜାରି ରହିଛି। ପୁଲିସ ମହିଳାଙ୍କ ବାପଘର, ଶାଶୂଘରକୁ ବାରମ୍ବାର ଯାଇ ତଦନ୍ତ ଜାରି ରଖିବା ସହ ଆଖପାଖରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ତେବେ ଏହା ହତ୍ୟା ନା ଆଉକିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଆମ୍ବ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଓଡ଼ଗାଁ,୧୩।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅଞ୍ଚଳର କାଳିଆମ୍ବା ଗ୍ରାମରେ ଏକ ଗଛରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଡ଼ିବନ୍ଧ ସାହିର ଅମୂଲ୍ୟ ନାୟକ (୪୬)। ସୂଚନା ଅନୁସାରେ, ବୁଧବାର ସକାଳେ ଅମୂଲ୍ୟ ନିଜ ଘର ପଛପଟେ ଥିବା ଆମ୍ବ ଗଛରେ ଚଢ଼ି ଆମ୍ବ ତୋଳୁଥିଲେ। ତାଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ତଳେ ରହି ଆମ୍ବ ସଂଗ୍ରହ କରୁଥିଲେ। କିଛି ସମୟ ଆମ୍ବ ତୋଳିବା ପରେ ଅସାବଧାନତାବଶତଃ ସେ ହଠାତ୍ ତଳକୁ ଖସି ପଡ଼ିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ବାହାଡ଼ାଝୋଲା ଓ ପରେ ଓଡ଼ଗାଁ ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ପରାମର୍ଶ ଦିଆଯାଇଥିଲେ ମଧ୍ୟ କୌଣସି କାରଣରୁ ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ଶବ ଘରକୁ ନେଇଯାଇଥିବା ଜଣାପଡ଼ିଛି।

## ବ୍ଲକସ୍ତରୀୟ ବିଦ୍ୟାଳୟ ସାମାଜିକ ସମୀକ୍ଷା ଜନଶୁଣାଣି

ଭାପୁର,୧୩।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ବୁଧବାର ଦିନ ବ୍ଲକ ସଦଭାବନା ଗୃହରେ ଆୟୋଜିତ ହୋଇଯାଇଛି। ପୂର୍ବରୁ ସମସ୍ତ ବିଦ୍ୟାଳୟ ମାନଙ୍କରେ ସାମାଜିକ ସମୀକ୍ଷା ଆଇନ ଅନୁଯାୟୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ କେତେକ ସ୍କୁଲ ମାନଙ୍କରେ ଶୈକ୍ଷିକ ପରିବେଶରେ ବାଧକ ହେଉଥିବା କିଛି ଅସୁବିଧାକୁ ସୁଧାର ପାଇଁ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗକୁ ନେଇ ବ୍ଲକସ୍ତରୀୟ ସମୀକ୍ଷା ଓ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଦୁଇ ଏବିଇଓ ସନ୍ତୋଷ କର ଓ ପ୍ରଭାକର ସାମନ୍ତରାୟ, ବ୍ଲକ ସାମାଜିକ ସମୀକ୍ଷକ ସନ୍ତୋଷ ବାରିକ ଓ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ଉପସ୍ଥିତ ରହିଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକର ୨୦ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କମିଟି ସଦସ୍ୟ ଉପସ୍ଥିତ ରହି ସେମାନଙ୍କ ବିଦ୍ୟାଳୟର ସମାସ୍ୟା ବିଷୟରେ ଆଲୋଚନା କରିଥିଲେ।



**ପ୍ରଶାସନର ଆନ୍ତରିକତା ଅଭାବ**

# ବାଲିସାହି ଗାଁ ବିକାଶରେ ବାଧକ ସାଜିଛି ରାସ୍ତା

ନୂଆଗାଁ,୧୩।୫(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସୋରଡ଼ା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ୪୦ ପରିବାର ୨୦୦ ଲୋକ ବାସ କରନ୍ତି। ପ୍ରାୟତଃ ସମସ୍ତେ ଚାଷ କାର୍ଯ୍ୟ ଉପରେ ନିର୍ଭରକରିଥାନ୍ତି। ଏହି ଗ୍ରାମର ମୁଖ୍ୟ ସମସ୍ୟା ହେଉଛି ଗମନାଗମନ। ଏଠାକୁ ଯିବାକୁ ହେଲେ ଦୁଇଟି ବାଟ ରହିଛି। ଲୁଣିସରା ଦେଇ ଯାଇଥିବା ରାସ୍ତା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହା ପକ୍କା ରାସ୍ତା ନୁହେଁ। ଏଥିସହ ଏହି ରାସ୍ତାରେ ବେଲପା ନଦୀ ପଡୁଛି। ହେଲେ ବୋଝ ଉପରେ ନଳିତାବିଡ଼ା ଭଳି ବେଲପା ନଦୀ ଉପରେ ମଧ୍ୟ ଆଜିପର୍ଯ୍ୟନ୍ତ ବ୍ରିଜ ନିର୍ମାଣ ହୋଇନାହିଁ। ଏ ବାବଦରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଇଚ୍ଛାଶକ୍ତି ଅଭାବରୁ ବ୍ରିଜ ନିର୍ମାଣ ହୋଇପାରିନାହିଁ। ବର୍ଷସାରା ଲୋକମାନେ ଦୁଃଖ କଷ୍ଟରେ ଏହି ବାଟ ଦେଇ ଯିବାଆସିବା କରୁଛନ୍ତି। କିନ୍ତୁ ବର୍ଷାଦିନେ ଜୀବନ ପ୍ରତି ବିପଦ ରହିଥିବା ହେତୁ ଏହି ରାସ୍ତା ଦେଇ ଯିବା ଆସିବା କରିବା ଅସମ୍ଭବ। ଏପରିକି ଏହି ନଦୀରେ ପୂର୍ବରୁ ଦୁଇ ଦୁଇଜଣ ଭାସିଯାଇ ମୃତ୍ୟୁବରଣ କରିସାରିଲେଣି। ଏହି ଗ୍ରାମକୁ ଦ୍ୱିତୀୟ ରାସ୍ତା ହେଉଛି ଆଛୁପଡ଼ା ଦେଇ ଏକ ଘଞ୍ଚ ଜଙ୍ଗଲ ରାସ୍ତାରେ ଯିବାକୁ ପଡ଼ିଥାଏ। ଏହା ନିଛାଟିଆ ସ୍ଥାନ ହୋଇଥିବାରୁ ବନ୍ୟଜନ୍ତୁଙ୍କ ଭୟ ରହିଥାଏ। ତେବେ ଏଠାରେ ଏକ ବିଦ୍ୟାଳୟ ଥିବା ବେଳେ ଜନସାଧାରଣଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଦୁଇ ରାସ୍ତାରେ ଜୀବନକୁ ବାଜି ଲଗାଇ ଭଗବାନଙ୍କ ଭରସାରେ ପ୍ରତିଦିନ ଯିବା ଆସିବା କରିଥାନ୍ତି। ଗ୍ରାମକୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ନେତାମାନେ ଏହି ସମସ୍ୟାଗୁଡ଼ିକ ବିଷୟରେ ଅବଗତ ଥାଇ ସୁଦ୍ଧା ଗମନାଗମନ ବ୍ୟବସ୍ଥା ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବାରମ୍ବାର ଅଭିଯୋଗ ପରେ ବିଫଳ ହେଉଥିବା ଜନସାଧାରଣ ନେତା ଓ ପ୍ରଶାସନ ଉପରେ ବିଶ୍ୱାସ ହରାଇଛନ୍ତି। ଏ ସମସ୍ତ ଘଟଣା ପ୍ରତି ବିଭାଗୀୟ ଅଧିକାରୀ ବିଶେଷ ଦୃଷ୍ଟି ଦେଇ ସମାଧାନ ପାଇଁ ଦାବି କରିଛନ୍ତି।



## ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ପରୀକ୍ଷା ଫଳ ପ୍ରକାଶ

# ବିଜ୍ଞାନରେ ମୋନାଲିସା, ବାଣିଜ୍ୟରେ ଦିଶା, କଳାରେ କିରଣ କୁମାର ଓ ବିବିଏରେ ଗାୟତ୍ରୀ ଟପ୍ପର



**ଖୋର୍ଦ୍ଧା,୧୩ା୫(ସମିସ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଷ୍ଟାଦଶତମ ସ୍ନାତକ (୨୦୨୩-୨୬)ଶେଷବର୍ଷ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତବର୍ଷ ୧୦୫୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୯୫୧ଜଣ ପାସ୍ କରିଛନ୍ତି। ପାସ ହାର ୯୦.୦୬ ପ୍ରତିଶତ ରହିଛି। ଯାହା ପୂର୍ବବର୍ଷ ତୁଳନାରେ ପାସ୍ ହାର ବଢିଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗରେ ରହିଛନ୍ତି। ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ କଳା, ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରୀ ମାନେ ଆଗରେ ଅଛନ୍ତି। ଚଳିତ ବର୍ଷ ଛାତ୍ରୀ ମାନଙ୍କ ପାସ ହାର ୯୨.୮୪ ପ୍ରତିଶତ ରହିଥିବାବେଳେ ଛାତ୍ରମାନଙ୍କ ୮୬.୫୭ ପ୍ରତିଶତ ରହିଛି। କଳା ବିଭାଗରେ ପାସ ହାର ୯୦.୨୦ ପ୍ରତିଶତ ଏବଂ ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାସ ହାର ଯଥାକ୍ରମେ ୯୪.୯୩ ଓ ୮୩.୩୯ ପ୍ରତିଶତ ରହିଛି।

କମ୍ପ୍ୟୁଟର ବିଜ୍ଞାନ ବିଭାଗ ସମ୍ମାନର ଛାତ୍ରୀ ମୋନାଲିସା ବେହେରା ସର୍ବୋଚ୍ଚ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି କଳା ବିଭାଗ ରେ(ମନୋବିଜ୍ଞାନ ସମ୍ମାନ)ର ଛାତ୍ର କିରଣ କୁମାର ପ୍ରଧାନ, ବାଣିଜ୍ୟ ବିଭାଗରୁ ଛାତ୍ରୀ ଦିଶା ଅଗ୍ରୱାଲ ଓ ବିବିଏ ରେ ଗାୟତ୍ରୀ ସାହୁ ଅଧିକ ନମ୍ବର ରଖି ବିଭାଗ ଟପ୍ପର ହୋଇଛନ୍ତି। କଳା ବିଭାଗରେ ମୋଟ ୩୯୮ଜଣ ପରୀକ୍ଷା ଦେଇଥିବାବେଳେ ୩୫୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରେ ଛାତ୍ର ୯୬ଜଣ ଥିବାବେଳେ ଛାତ୍ରୀ ୨୬୩ଜଣ ରହିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ମୋଟ ୩୭୫ଜଣ ପରୀକ୍ଷା ଦେଇଥିବାବେଳେ ୩୫୬ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ସେଥିରୁ ୧୬୭ଜଣ ଛାତ୍ର ଓ ୧୮୯ଜଣ ଛାତ୍ରୀ ରହିଛନ୍ତି। ବାଣିଜ୍ୟ ବିଭାଗରେ ମୋଟ ୨୮୩ଜଣଙ୍କ ମଧ୍ୟରୁ ୨୩୬ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ୧୪୩ଛାତ୍ର ଓ ୯୩ଜଣ ଛାତ୍ରୀ ପାସ କରିଛନ୍ତି।

କଲେଜ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ ଏହା ପ୍ରକାଶ କରିଛନ୍ତି। ଏହି ଅନ୍ତିମ ପରୀକ୍ଷା ଫଳ ୬ଗୋଟି ସେମିଷ୍ଟାର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ତିନି ବିଭାଗର ଶ୍ରେଷ୍ଠ ସ୍ନାତକ ଏବଂ ମହାବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକ ଗୌରବ ହାସଲ କରିଥିବା ଏହି ଛାତ୍ରୀମାନେ ଆସନ୍ତା ସାମ୍ବତ୍ସରିକ ଉତ୍ସବ-୨୦୨୭ରେ ସ୍ୱର୍ଣ୍ଣପଦକ ପଦାନ କରାଯିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ଏଥିରେ କଲେଜ ପରିଚାଳନା କମିଟି ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧ୍ୟାପିକା ଡଃ ନନ୍ଦିତା ଛୋଟରାୟ, ଉପ ନିୟନ୍ତ୍ରକ ଡ. ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ନିୟନ୍ତ୍ରକ ଡକ୍ଟର ମଧୁସ୍ମିତା ତ୍ରୀପାଠୀ ଓ ପ୍ରାଧ୍ୟାପିକା ମଧୁସ୍ମିତା ଛୋଟରାୟ, ପ୍ରଫେସର ପ୍ରଣତି ମହାପାତ୍ର, ଅଧ୍ୟାପକ ସୁକୁମାର ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ସନ୍ତୋଷ କୁମାର ବେହେରା, ଅଧ୍ୟାପିକା ଅଞ୍ଜନା ଦାଶଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବିଭିନ୍ନ ଅନର୍ସରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ

| ସମ୍ମାନ/ବିଷୟ | ଟପ୍ପରଙ୍କ ନାମ | ସିଜିପିଏ |
|---|---|---|
| ରାଜନୀତି ବିଜ୍ଞାନ | ଲକ୍ଷ୍ମୀପ୍ରିୟା ସୁବୁଦ୍ଧି | ୮.୭୯ |
| ଅର୍ଥନୀତି | ଶିବାନୀ ଦାଶ | ୮.୪୫ |
| ଦର୍ଶନଶାସ୍ତ୍ର | ରୀତୁପ୍ରିୟା ପଣ୍ଡା | ୮.୫୮ |
| ଇଂରାଜୀ | ଅନନ୍ୟା ଅଭିପ୍ସା | ୭.୮୫ |
| ଇତିହାସ | ରୁଦ୍ରନାରାୟଣ ପ୍ରଧାନ | ୮.୪୯ |
| ଓଡ଼ିଆ | ସ୍ମୃତିରେଖା ସାହୁ | ୮.୪୫ |
| ମନୋବିଜ୍ଞାନ | କିରଣ କୁମାର ପ୍ରଧାନ | ୯.୫୫ |
| ସଂସ୍କୃତ | ଅନନ୍ୟା ରଥ | ୮.୨୮ |
| ଭୂଗୋଳ | ଜିପୁନ ଦାସ | ୮.୬୨ |
| ଶିକ୍ଷା | ସୋନିଆ ପ୍ରଧାନ | ୯.୩୬ |
| ଉଦ୍ଭିଦ ବିଜ୍ଞାନ | ଅନିଶା ଦାଶ | ୯.୦୬ |
| ରସାୟନ ବିଜ୍ଞାନ | ମୋନାଲିସା ମହାରଣା | ୯.୩୩ |
| କମ୍ପ୍ୟୁଟର ସାଇନ୍ସ | ମୋନାଲିସା ବେହେରା | ୯.୫୫ |
| ଗଣିତ | ଦେବାଶିଷ ପଣ୍ଡା | ୮.୬୨ |
| ପଦାର୍ଥ ବିଜ୍ଞାନ | ମୋନାଲିସା ବେହେରା | ୯.୨୭ |
| ଭୂତତ୍ୱ(ଜିଓଲୋଜି) | ପ୍ରାଚୀ ସୁହ୍ନା | ୯.୦୮ |
| ପ୍ରାଣୀ ବଜ୍ଞାନ | ଅନିନ୍ଦିତା ରଣସିଂହ | ୯.୩୧ |
| ଇଲେକଟ୍ରୋନିକ୍ସ | ଯାଜ୍ଞସେନୀ ପାଟଶାଣୀ | ୭.୪୫ |
| ବାଣିଜ୍ୟ | ଦିଶା ଅଗ୍ରୱାଲ | ୮.୫୩ |
| ବିବିଏ | ଗାୟତ୍ରୀ ସାହୁ | ୮.୫୪ |

## ବାଇକ୍ ଲୁଟ୍ ଉଦ୍ୟମ; ଲୁଟେରା ଗିରଫ

ବାଲୁଗାଁ,୧୩ା୫(ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲଫାଣ୍ଡି ଅଧିନ ବଡ଼କୁଳ ଗ୍ରାମରେ ଚନ୍ଦନ ଯାତ୍ରା ଉପଲକ୍ଷେ ଅନ୍ତିମ ଦିବସ ରବିବାର ବିଳମ୍ବିତ ରାତ୍ରରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗ୍ରାମର କାର୍ତ୍ତିକ ବେହେରା ଅପେରା ଦେଖିବା ପାଇଁ ଏକ ଆପାଚି ବାଇକ୍‌ରେ ସେଠାକୁ ଆସିଥିଲା। ଅପେରା ପରିବେଷଣ ସ୍ଥଳର ଅନତି ଦୂର ପୋଖରୀ ନିକଟରେ ବାଇକ୍‌ଟିକୁ ରଖି ଯାତ୍ରା ଦେଖୁଥିଲା। ବିଳମ୍ବିତ ରାତ୍ର ସମୟରେ ଜଣେ ଯୁବକ ଉକ୍ତ ବାଇକ୍ ଚୋରି କରିବା ନିମନ୍ତେ ଲୁଟ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଛି। ବାଇକ୍ ଲୁଟେରା ଜଣକ ହେଲେ ଛତିଶଗଡ଼ ରାୟପୁର ଜିଲ୍ଲା ପଣ୍ଡା ପାରୁଣୀ ଗ୍ରାମର କୈଳାସ ନାରଙ୍ଗ ବୋଲି ଜଣା ପଡିଛି। ଲୁଟେରା କୈଳାସ ବାଇକ୍‌ଟିକୁ ଲୁଟ ପାଇଁ ଆସି ବାଇକ୍ ନିକଟରେ ବସି ତାର କାଟି ଷ୍ଟାଟ କରିବା ପାଇଁ ଚେଷ୍ଟା କରୁଥିବା ବେଳେ ସେହି ସମୟରେ କାର୍ତ୍ତିକ ଆସି ଯିବାରେ ଲୁଟେରା ଜଣକ ସେଠାରୁ ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରିବାରେ ତାକୁ ଧରି କାବୁ କରି ନେଇଥିଲେ। ସ୍ଥାନୀୟ ଲୋକେ ଲୁଟେରା କୈଳାସକୁ ଅଟକ ରଖି ପଚରା ଉଚରା କରିବାରେ ସେ ବାଇକ୍ ଚୋରି କରିବାକୁ ଉଦ୍ୟମ କରୁଥିବା ନେଇ ସ୍ୱୀକାର କରିଥିଲା। ଗ୍ରାମର ଯୁବକମାନେ ଏ ସମ୍ପର୍କରେ ବାଲୁଗାଁ ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ସୋମବାର ଅଟକ ଲୁଟେରାକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ବାଲୁଗାଁ ପୁଲିସ ଏ ସଂପର୍କରେ ମାମଲା ରୁଜୁ କରି ଅନ୍ତରାଜ୍ୟ ବାଇକ ଲୁଟେରା କୈଳାସକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି। ତେବେ କୈଳାସ ଜଣେ ଆନ୍ତରାଜ୍ୟ ବାଇକ୍ ଲୁଟେରା ହୋଇଥିବା ବେଳେ ପୂର୍ବରୁ ବହୁ ଥାନାରେ ତାର ନାମରେ ବିଭିନ୍ନ ଲୁଟ୍ ମାମଲା ରହିଥିଭା ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

## ବାଲୁଗାଁ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ବାଲୁଗାଁ,୧୩।୫(ସମିସ) : ବାଲୁଗାଁ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ତଥା ଏନସିସି ଅଧିକାରୀ ଚନ୍ଦନ କୁମାର ନାଏକ ନିକଟରେ ନାଗପୁରରେ ଅନୁଷ୍ଠିତ ତ୍ରୟୋମାସିକ ରାଷ୍ଟ୍ରୀୟ ଏନସିସି ଅଧିକାରୀମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରିଥିବାରୁ ମହାବିଦ୍ୟାଳୟର ଏନସିସି ଶାଖା ଓ ଶିକ୍ଷକ ସଙ୍ଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଝରଣା ନାଥ, ଶିକ୍ଷକ ସଙ୍ଘ ସଭାପତି ଡ. ମୋନାଲିସା ମାନସିଂହ ଓ ସମ୍ପାଦକ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଶିକ୍ଷକ ସଙ୍ଘ ପକ୍ଷରୁ ଏନସିସି ଅଧିକାରୀ ନଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଏହି ତାଲିମ ଏନସିସିର କାର୍ଯ୍ୟ ଦକ୍ଷତା ଓ ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏନସିସି ଶାଖା ତରଫରୁ ମଧ୍ୟ କ୍ୟାଡେଟ ମାନେ ସାମିଲ ହୋଇ ଏନସିସି ଅଧିକାରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏନସିସି କ୍ୟାଡେଟ ଅନିଶା ବେହେରା ଧନ୍ୟବାଦ ଦେଇଥିଲେ।

## ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

ନିରାକାରପୁର,୧୩ା୫ (ସମିସ): ଖୋର୍ଦ୍ଧା ଜିଲ୍ଲା ହଜ ପଂଚାୟତ ନିଧିପୁର ମା' ଜାଗେଶ୍ୱର ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ୧୪ ତାରିଖରେ ଖୋର୍ଦ୍ଧାସ୍ଥିତ ଡିଆରସିଏସ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଏକ ବିଶାଳ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୩ ମସିହାରେ ହୋଇଥିବା ଫସଲ କ୍ଷୟକ୍ଷତି ବାବଦ ବୀମା ରାଶି ପ୍ରଦାନରେ ଅହେତୁକ ଅନିୟମିତତା ଏବଂ ସାର ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଅଭିଯୋଗ ଆଧାରରେ ଡିଆରସିଏସ, ଖୋର୍ଦ୍ଧାଙ୍କ ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଦୁର୍ନୀତିର ସତ୍ୟତା ପ୍ରମାଣିତ ହୋଇଥିଲା। ଏହାପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଡିଆରସିଏସ ଓ ଏଆରସିଏସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ, ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆସନ୍ତାକାଲି୧୦ଟା ସମୟରେ ଖୋର୍ଦ୍ଧା ଡିଆରସିଏସ କାର୍ଯ୍ୟାଳୟ ଆଗରେ ୨୦୦ରୁ ଅଧିକ ଚାଷୀ ଏକତ୍ରିତ ହୋଇ ଧାରଣା ଦେବେ। ଏ ସମ୍ପର୍କରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲାପାଳ, ଡିଆରସିଏସ, ଏଆରସିଏସ ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଯଦି ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଆନ୍ଦୋଳନ ଆଗକୁ ଆହୁରି ତୀବ୍ର ହେବ ବୋଲି ଚାଷୀ ପ୍ରତିନିଧି ପ୍ରବେଶ ଜୟସିଂହ ଚେତାବନୀ ଦେଇଛନ୍ତି।

## ସମାଜସେବୀଙ୍କୁ ବୃହସ୍ପତି ଜ୍ୟୋତିଷ ରତ୍ନ ସମ୍ମାନ




ଟାଙ୍ଗୀ,୧୩ା୫(ସମିସ): ପୂର୍ବତନ ରାଜ୍ୟ ପ୍ରଶାସନିକ ଅଧିକାରୀ ତଥା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀର ଜଣେ ବରିଷ୍ଠ ସମାଜସେବୀ ଭାରତ ଭୂଷଣ ଜଗଦେବ ଆନ୍ତର୍ଜାତିକ ବୃହସ୍ପତି ଜ୍ୟୋତିଷ ରତ୍ନ ସମ୍ମାନରେ ସମ୍ମାନିତ ହୋଇଥିବା ଜଣାପଡିଛି। ଅଯୋଧ୍ୟା ବିର୍ଲା ଧର୍ମଶାଳା ରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ପରିବେଶରେ ଆନ୍ତର୍ଜାତିୟ ସ୍ତରର ବହୁ ପ୍ରତିଭାବାନ ଜ୍ୟୋତିଷ ବିଶେଷଜ୍ଞ ଓ ଜ୍ୟୋତିଷ ବିଶାରଦ ମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତିଷ ବିଶାରଦ ଶ୍ରୀ ଜଗଦେବଙ୍କୁ ଏହି ସମ୍ମାନରେ ଆଭୁଷିତ କରାଯାଇଛି।

## ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ

ବେଗୁନିଆ, ୧୩ା୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରେଣା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥଦେବଙ୍କ ପବିତ୍ର ପୀଠରେ ନଅ ଦିନ ଧରି ଚାଲିଥିବା ଶ୍ରୀ ରାମଚରିତମାନସର ୩୮ତମ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦଯାପିତ ହୋଇଯାଇଛି। ଏହି ଜ୍ଞାନଯଜ୍ଞରେ ନୟାଗଡ଼ ଇଟାମାଟି ବଡପଣ୍ଡୁସରର ପଣ୍ଡିତ ପ୍ରଦୀପ୍ତ କୁମାର ବାହିନୀପତି 'ଶବରୀ ପ୍ରସଙ୍ଗ, ବାଳି ଉଦ୍ଧାର ଓ ଲଙ୍କାପୋଡ଼ି' ଏବଂ ସ୍ଥାନୀୟ ପ୍ରବଚକ ସୁଶ୍ରୀ ସବିତାବାଳା ମହାପାତ୍ର 'ରାବଣ ମୁକ୍ତି' ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମରୁ ପଞ୍ଚମ ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ଳୋକ ଆବୃତ୍ତି, ରାମାୟଣ ସାଧାରଣ ଜ୍ଞାନ ଓ 'ରାମ ନାମ ମାହାତ୍ମ୍ୟ' ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ସରୋଜ ମହାପାତ୍ର, ବ୍ରଜବନ୍ଧୁ ବେହେରା, ଭିକାରୀ ଚରଣ ପଣ୍ଡା, ବିପିନ ବିହାରୀ ମହାପାତ୍ର, ବ୍ରଜବନ୍ଧୁ ପଣ୍ଡା, ଲିଙ୍ଗରାଜ ପଣ୍ଡା, ସନ୍ତୋଷ କୁମାର ମହାପାତ୍ର ଓ ଗୌରବ ପଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ସରସ ସୁନ୍ଦର ଭାବେ ସମ୍ପନ୍ନ କରାଯାଇଥିଲା।

## ଟାଙ୍ଗୀ ଏନ୍‌ଏସି ତରଫରୁ ଜଳଛତ୍ର




ଟାଙ୍ଗୀ,୧୩ା୫ (ସମିସ): ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳ ତରଫରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଟାଙ୍ଗୀ ଟ୍ରାଫିକ ଛକ ନିକଟରେ ଏହି ଜଳଛତ୍ର ପୂର୍ବାହ୍ନ ଦଶଟା ଠାରୁ ଅପରାହ୍ନ ସାଢେ ଗୋଟାଏ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି ଏହି ଜଳଛତ୍ରକୁ କିଛି ଦିନ ତଳେ ଉଦଘାଟନ କରିବା ପରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବକ ସ୍ୱେଚ୍ଛାକୃତ ଭାବେ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

## ଦେଶୀ ମଦ ଜବତ, ୩ ଗିରଫ

ବାଲୁଗାଁ, ୧୩ା୫(ସମିସ) : ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବୁଧବାର ପୂର୍ବାହ୍ନରେ ଚଢ଼ାଉ କରାଯାଇ ବାଣପୁର ଥାନା ଅଧିନ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୧୧୮ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଏଥିଠରେ ସଂପୃକ୍ତ ୩ ଜଣ ମଦ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଅବକାରୀ ଟିମ ବାଣପୁର ଥାନା ଅଧିନ ଶାଳିଆ କେନାଲ ରାସ୍ତାର ଝିଣ୍ଟିକାପଲ୍ଲୀ ଗ୍ରାମ ନିକଟରେ ଚଢାଉ କରି ଉକ୍ତ ଝିଣ୍ଟିକାପଲ୍ଲୀ ଗ୍ରାମର ମଣ୍ଟୁ ସ୍ୱାଇଁ (୨୭) କୁ ଗିରଫ କରି ତାନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଶାଳିଆ କେନାଲ ରାସ୍ତାର ଦଣ୍ଡିଗାଡିଆ ଗ୍ରାମ ନିକଟରେ ଚଢାଉ କରି ବାଲୁଗାଁ ଥାନା ଅଧିନ ବୋରିଆ ସାହିର ପ୍ରଦ୍ୟୁମ୍ନ ବେହେରା (୫୨)ଙ୍କୁ ଗିରଫ କରି ତାଙ୍କ ନିକଟରୁ ୬୦ଲିଟର ଦେଶୀ ମଦ ଜବତ କରିଛି ବିଭାଗ। ସେହିପରି ବାଣପୁର ନରେନ୍ଦ୍ରପୁର ଗ୍ରାମ ନିକଟରେ ଚଢାଉ କରି ବାଲୁଗାଁ ଥାନା ଅନ୍ତର୍ଗତ କାନ୍ଥମହାଲ ଅଙ୍କୁଲା ଗ୍ରାମର ବୃନ୍ଦାବନ ଯୁଝାରସିଂ (୪୫)କୁ ଗିରଫ କରି ତାଙ୍କ ନିକଟରୁ ୪୦ଲିଟର ମଦ ଜବତ କରି ଗିରଫ ସମସ୍ତ ଚାରି ଅଭିଯୁକ୍ତଙ୍କ ଠାରୁ ସମୁଦାୟ ୧୧୮ ଲିଟର ବେଆଇନ ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ।

## ଛତ୍ରପଡ଼ା ଶ୍ରୀରାମଲୀଳା ଯାତ୍ରା ଉଦ୍‌ଯାପିତ



ନିରାକାରପୁର,୧୩ା୫ (ସମିସ): ପାରମ୍ପରିକ ରୀତିନୀତି ଓ ପ୍ରଥା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗ୍ରାମପଞ୍ଚାୟତର ଛତ୍ରପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ ଶ୍ରୀରାମଲୀଳା ଯାତ୍ରା। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଯାତ୍ରା ବୁଧବାର (୧୩ ତାରିଖ) ମଧ୍ୟାହ୍ନରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ସହ ଉଦଯାପିତ ହୋଇଛି। ସ୍ୱର୍ଗତ କବି ଅନଙ୍ଗ ନରେନ୍ଦ୍ରଙ୍କ ବିରଚିତ ଶ୍ରୀରାମଲୀଳା ପୁସ୍ତକକୁ ଆଧାର କରି ଏହି ଯାତ୍ରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଥିଲା। ସପ୍ତମ ରଜନୀ ବ୍ୟାପୀ ଚାଲିଥିବା ଏହି ମଞ୍ଚାୟନରେ ଶ୍ରଦ୍ଧାଳୁମାନେ ରାମାୟଣର ବିଭିନ୍ନ ପର୍ଯ୍ୟାୟକୁ ଉପଭୋଗ କରିଥିଲେ। ଶେଷ ରଜନୀରେ ରାବଣ ବଧ ପରେ ଆଜି ୧୩ ତାରିଖ ମଧ୍ୟାହ୍ନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ 'ରଘୁନାଥ କଳା ପରିଷଦ'ର କର୍ମକର୍ତ୍ତା ଓ ସମସ୍ତ ଛତ୍ରପଡ଼ା ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସୂଚାରୁରୂପେ ପରିଚାଳନା କରାଯାଇଥିଲା।

## ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ



ବେଗୁନିଆ,୧୩ା୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଦିବାକର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପ୍ରଧାନ, ଉପସଭାପତି କବିତା ଦତ୍ତ ଓ ଅକ୍ଷୟ କୁମାର ମହାପାତ୍ର, ସମ୍ପାଦକ ବଂଶୀଧର ପାଣିଗ୍ରାହୀ, ସହସମ୍ପାଦକ ଶ୍ରୀନିବାସ ରଣସିଂହ ଓ ବିଷ୍ଣୁପ୍ରିୟା ବେହେରା,କାର୍ଯ୍ୟକାରୀ ସମ୍ପାଦକ ମାନସ କୁମାର ସେଠୀ ଓ ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ ଓ ରାଜ୍ୟ ଇସି ମେମ୍ବର ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ବ୍ଲକର ୩୨ ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସାମିଲ କରାଯିବ ବୋଲି ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସହ ଚଳିତ ମାସ ୨୨ ତାରିଖରେ ମାଟ୍ରିକ୍ ପରୀକ୍ଷାରେ ଏ ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ଲକ ଟପ୍ପରଙ୍କ ସହ ଅନ୍ୟ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସ୍ଥିର କରିଛି। ଅନ୍ୟ ପକ୍ଷରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ପୁର୍ବତନ ବ୍ଲକ ସଭାପତି ଗଣେଶ୍ୱର ମିଶ୍ର ଓ ସମ୍ପାଦକ ରତିକାନ୍ତ କହଲସିଂହଙ୍କ କାର୍ଯ୍ୟକାଳ ମଧ୍ୟରେ ସଂଗଠନ ପାଇଁ ଉଲ୍ଲେଖନୀୟ ଅବଦାନ ଥିବାରୁ ଉପସ୍ଥିତ କର୍ମକର୍ତ୍ତା ଉଭୟଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ

# 'ଓଡ଼ିଆ ସାହିତ୍ୟରେ ଆଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ'

**ଖୋର୍ଦ୍ଧା,୧୩ା୫(ସମିସ):** ସଚ୍ଚି ରାଉତରାୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ତାଙ୍କ ଜନ୍ମସ୍ଥାନ ଗୁରୁଜଙ୍ଗ ଦେୱାନ୍ ସାହିରେ ଆଜି ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକା ତଥା ସଂସଦର ସଭାପତି ଶ୍ୱେତ ପଦ୍ମାସିନି ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ତଥା ଖୋର୍ଦ୍ଧା ସାହିତ୍ୟ ସଂସଦ ର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ରାଜଗୁରୁ ସଚ୍ଚିଦାନନ୍ଦ ରାଉତରାୟ ଜଣେ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ। ମାଟିର ଦ୍ରୋଣ, କବିଗୁରୁ, ମାଟିର ମହାକବି, ସମୟ ର ସଭାକବି ପ୍ରଭୃତି ବିଭିନ୍ନ ଶ୍ରଦ୍ଧାନାମରେ ସେ ନାମିତ ବୋଲି କହିଥିଲେ। ସେ ପ୍ରାୟ ୭୫ବର୍ଷ ଧରି ସାହିତ୍ୟ ରଚନା କରିଥିଲେ। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ର ପ୍ରବର୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଦିଆଯାଏ। ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ୪୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି ବୋଲି କହିଥିଲେ। ଏଥିସହିତ ସଚ୍ଚି ରାଉତରାୟଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟ କାମନା କରିବା ସହ କବିଙ୍କ ରାଜନୈତିକ ଜୀବନ ଓ ପଲ୍ଲୀ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

ମୁଖ୍ୟବକ୍ତା ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ସଚ୍ଚି ରାଉତରାୟଙ୍କ ଉପନ୍ୟାସ 'ଚିତ୍ରଗ୍ରିବ' ଠାରୁ ଆରମ୍ଭ କରି ତାଙ୍କ ଗଳ୍ପ ସାମ୍ରାଜ୍ୟ ଓ କବିତାକାଶର ସ୍ୱତନ୍ତ୍ର ବିଭବ ସମ୍ପର୍କରେ ଅବତାରଣା କରି ଓଡ଼ିଆ ସାହିତ୍ୟରେ ପ୍ରାକ୍ ସାରଳା ଯୁଗ ଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ କାବ୍ୟାଦର୍ଶର ସଂକ୍ଷିପ୍ତ ଚିତ୍ର ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ କବିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ସଚ୍ଚି ରାଉତରାୟଙ୍କ ଗଳ୍ପରେ କୈଶୋର ଜୀବନର ପ୍ରେମ ଓ ଅନ୍ୟାନ୍ୟ ଭାବଧାରା ବିଷୟରେ କହିଥିଲେ। କବି ଙ୍କ ସାହିତ୍ୟ କିପରି ଅଧିକ ଜନାଦୃତ ହୋଇପାରିବ ଓ ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସଚ୍ଚି ରାଉତରାୟଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ ନେଇ ତତ୍ପରତା ପ୍ରକାଶ କରିବାକୁ ଉପସ୍ଥିତ ସଚ୍ଚି ରାଉତରାୟ ପ୍ରେମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ, ସ୍ତମ୍ଭକାର ତଥା ଆଧ୍ୟାପକ ତୁଷାର ରଞ୍ଜନ ପାଲଟାସିଂ ଓ ପ୍ରଫୁଲ୍ଲ ସାମନ୍ତରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଏହି ଅବସରରେ ସଂସଦର ମୁଖପତ୍ର ଶତଦଳ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହା ବ୍ୟତୀତ କବି ନାରାୟଣ ଦାସଙ୍କ କବିତା ପୁସ୍ତକ କାଶତଣ୍ଡି -୪ ଲୋକାର୍ପିତ ହୋଇଥିଲା। ଏଥିସହିତ ଗୁରୁଜଙ୍ଗ ର ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ହରିକୃଷ୍ଣ ପ୍ରଧାନ, ବାଇଧର ମହାପାତ୍ର ଓ ଅକ୍ଷୟ ସାହୁ ଙ୍କୁ ମରଣୋତର ଶତଦଳ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ଭବାନୀ ପ୍ରସାଦ କର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ସଭ୍ୟ ଜୟନ୍ତ ମହାନ୍ତି ପରିଚାଳନା କରିଥିବାବେଳେ ଅନୁପମ ମହାନ୍ତି, ଚିତ୍ରଶିଳ୍ପୀ ତଥା କବି ଶ୍ରୀକାନ୍ତ ପାଣିଗ୍ରାହୀ ଓ ବିଭୂତି ସେନାପତି ଏଥିରେ ସହଯୋଗ କରିଥିଲେ। ସଭାକୁ କବୟିତ୍ରୀ ଯଶସ୍ୱିନି ସାହୁ ସଂଯୋଜନା କରିଥିବାବେଳେ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ସଂସଦର ଉପସଭାପତି ତଥା କବୟିତ୍ରୀ ଆରତୀ ମଞ୍ଜରୀ ଦାଶ ଓ ଅବସରପ୍ରାପ୍ତ ଅଧ୍ୟାପିକା ଶୁଭଦର୍ଶିନି ଦେବୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କବିମାନେ ଅଂଶ ଗ୍ରହଣ କରି କବିତା ମାଧ୍ୟମରେ ମାଟିର ମହାକବି ସଚ୍ଚି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

